SHREE JAGANNATHA TEMPLE ADMINISTRATION
Puri, Odisha

# ଶ୍ରୀମନ୍ଦିର ସମାଚାର

## SHREE JAGANNATH TEMPLE BULLETIN

ଜାନୁୟାରୀ-୨୦୨୩ JANUARY-2023

## ଶିବଙ୍କ ଉପାସନାର ରାତ୍ରି- ମହା ଶିବରାତ୍ରି

ଭଗବାନ ଶିବଙ୍କର ଅତି ପ୍ରିୟ ଶିବରାତ୍ରି । ଈଶାନ ସଂହିତାରେ ଉଲ୍ଲେଖ ଅଛି-

'ଫାଲଗୁନକୃଷ୍ଣଚତୁର୍ଦ୍ଦଶ୍ୟାଂ ଆଦିଦେବୋ ମହାନିଶି ।
ଶିବଲିଙ୍ଗତୟୋଦ୍‌ଭୂତଃ କୋଟି ସୂର୍ଯ୍ୟସମପ୍ରଭଃ ॥'

ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀର ରାତ୍ରିରେ ଆଦିଦେବ ଭଗବାନ ଶ୍ରୀ ଶିବ କୋଟି ସୂର୍ଯ୍ୟ ସମ ପ୍ରଭାଯୁକ୍ତ ଲିଙ୍ଗ ରୂପରେ ପ୍ରକଟ ହେଲେ । ଶିବାର୍ଚ୍ଚନ ଏବଂ ଜାଗରଣ ହିଁ ଉକ୍ତ ରାତ୍ରିର ବିଶେଷତା ଅଟେ । ଅତଏବ ଉକ୍ତ ରାତ୍ରିକୁ ଜାଗର କୁହାଯାଏ । ନାରଦ ସଂହିତା, ବ୍ରତରାଜ, ଧର୍ମସିନ୍ଧୁ ଓ ନିର୍ଣ୍ଣୟସିନ୍ଧୁ ଆଦି ଗ୍ରନ୍ଥାନୁସାରେ ନିଶୀଥ ବ୍ୟାପିନୀ ଶିବରାତ୍ରି ତିଥି ହେବା ମୁଖ୍ୟ ଅଟେ । କିନ୍ତୁ ତା'ର ଅଭାବରେ ପ୍ରଦୋଷ ବ୍ୟାପିନୀକୁ ଗ୍ରହଣ କରାଯାଏ ଯାହା ଗୌଣ ଅଟେ । ଚତୁର୍ଦ୍ଦଶୀ ତିଥିର ସ୍ୱାମୀ ଶିବ ଅଥବା ଶିବଙ୍କର ତିଥି ଚତୁର୍ଦ୍ଦଶୀ ଅଟେ । ଅନ୍ୟ ଦେବତାଙ୍କର ପୂଜା, ବ୍ରତାଦି ପ୍ରାୟ ଦିନରେ ହେଉଥିଲାବେଳେ ଶିବଙ୍କର ରାତ୍ରି ପ୍ରିୟ ହେଲା । କାରଣ ଭଗବାନ ଶଙ୍କର ସଂହାର ଶକ୍ତି ଏବଂ ତମୋଗୁଣର ଅଧିଷ୍ଠାତା ଅଟନ୍ତି । ତେଣୁ ତମୋମୟୀ ରାତ୍ରି ପ୍ରତି ତାଙ୍କର ଅନୁରାଗ ହେବା ସ୍ୱାଭାବିକ । ରାତ୍ରି ସଂହାର କାଳର ପ୍ରତିନିଧି । ତା'ର ଆଗମନରେ ପ୍ରଥମେ ଆଲୋକର ସଂହାର, ପ୍ରାଣୀମାନଙ୍କର ଦୈନିକ କର୍ମ ଚେଷ୍ଟାର ସଂହାର ଏବଂ ଶେଷରେ ନିଦ୍ରା ଦ୍ୱାରା ଚେତନାର ସଂହାର ହୋଇ ସମ୍ପୂର୍ଣ୍ଣ ବିଶ୍ୱ ସଂହାରିଣୀ ରାତ୍ରିର କ୍ରୋଡ଼ରେ ଅଚେତନ ହୋଇ ବିଶ୍ରାମ ନିଏ । ଅତଏବ ଶିବଙ୍କର ଆରାଧନା ରାତ୍ରିରେ ବରଂ ପ୍ରଦୋଷ କାଳରେ କରାଯାଏ । କୃଷ୍ଣପକ୍ଷରେ ଶିବରାତ୍ରି ହେବାର ଅଭିପ୍ରାୟ ହେଲା ଯେ ଶୁକ୍ଳପକ୍ଷରେ ଚନ୍ଦ୍ରମା ସକଳ ଏବଂ କୃଷ୍ଣପକ୍ଷରେ କ୍ଷୀଣ ହୁଅନ୍ତି । ମନର ଅଧିଷ୍ଠାତା ଚନ୍ଦ୍ରଙ୍କର କ୍ଷୀଣତାର ପ୍ରଭାବରେ ତାମସୀ ଶକ୍ତିମାନେ ପ୍ରବୁଦ୍ଧ ହେବା ଯୋଗୁଁ ନୈତିକ ଏବଂ ସାମାଜିକ ଅପରାଧ ପ୍ରବୃତ୍ତି ବୃଦ୍ଧି ପ୍ରାପ୍ତ ହୁଏ, ତଥା ତାମସୀ ଶକ୍ତିର ବୃଦ୍ଧି ହୁଏ । ଚନ୍ଦ୍ରକ୍ଷୟ (ଅମାବାସ୍ୟା) ତିଥି ଆସିବା ପୂର୍ବରୁ ହିଁ ସମ୍ପୂର୍ଣ୍ଣ ତାମସୀ ବୃତ୍ତିର ଉପଶମନାର୍ଥ ସେହି ବୃତ୍ତିର ଏକମାତ୍ର ଅଧିଷ୍ଠାତା ଭଗବାନ ଆଶୁତୋଷଙ୍କର ଆରାଧନାର ବିଧାନ ରହିଛି । ଯେପରି ଅମାବାସ୍ୟାର ଦୁଷ୍ପ୍ରଭାବରୁ ରକ୍ଷା ନିମିତ୍ତ ଚତୁର୍ଦ୍ଦଶୀରେ ଉପାସନା କରାଯାଏ, ସେହିପରି କ୍ଷୟ ହେଉଥିବା ବର୍ଷର ଅନ୍ତିମ ମାସ ଚୈତ୍ରର ଠିକ୍ ଏକମାସ ପୂର୍ବରୁ ଫାଲ୍‌ଗୁନରେ ହେବା ଯୁକ୍ତି ସଙ୍ଗତ ଅଟେ । କାରଣ ରୁଦ୍ର ଏକାଦଶ ସଂଖ୍ୟାତ୍ମକ ହେବା ହେତୁ ବର୍ଷର ଏକାଦଶ ମାସ ଫାଲ୍‌ଗୁନରେ ଅନୁଷ୍ଠିତ ହେବା ରହସ୍ୟମୟ ଅଟେ । ପୁନଃ ଉପବାସ ଓ ରାତ୍ରି ଜାଗରଣର ମହତ୍ତ୍ୱ ରହିଛି । 'ବିଷୟା ବିନିବର୍ତ୍ତନ୍ତେ ନିରାହାରସ୍ୟ ଦେହିନଃ' (ଗୀତା ୨/୫୯) ଅନୁସାରେ ଉପବାସ ବିଷୟ ନିବୃତ୍ତିର ପ୍ରକୃଷ୍ଟ ସାଧନ ଅଟେ । ଆଧ୍ୟାତ୍ମିକ ସାଧନା ନିମିତ୍ତ ଉପବାସ କରିବା ପରମ ଆବଶ୍ୟକ । ରାତ୍ରି ଜାଗରଣ ବିଷୟରେ ଉଲ୍ଲେଖ ଅଛି- 'ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତ୍ତି ସଂଯମୀ' (ଗୀତା ୨/୬୯) । ସଂଯମୀ ବ୍ୟକ୍ତି ରାତ୍ରିରେ ଜାଗ୍ରତ ରହି ନିଜ ଲକ୍ଷ୍ୟ ପ୍ରାପ୍ତି ନିମିତ୍ତ ପ୍ରଯତ୍ନଶୀଳ ହୁଏ । ରାତ୍ରି ପ୍ରିୟ ଶିବଙ୍କ ନିମିତ୍ତ ଉପବାସ ଏବଂ ରାତ୍ରି ଜାଗରଣ ପୂର୍ବକ ତାଙ୍କ ଉପାସନା କରଣୀୟ ।



ସ୍କନ୍ଦପୁରାଣ ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟରେ ଉଲ୍ଲେଖ ଅଛି ଯେ ଶ୍ରୀକ୍ଷେତ୍ରର ଧାମେଶ୍ୱର ଶ୍ରୀଜଗନ୍ନାଥ ଅଷ୍ଟ ପ୍ରକାରରେ ବିଭକ୍ତ ରୁଦ୍ରଙ୍କୁ କ୍ଷେତ୍ରର ସବୁ ଦିଗରେ ସ୍ଥାପନ କରି ସ୍ୱୟଂ ଶଙ୍ଖକ୍ଷେତ୍ରର ନାଭିରେ ଅବସ୍ଥାନ କଲେ ।

ଭଗବାନପି ତଂ ରୁଦ୍ରଂ କ୍ଷେତ୍ର ସ୍ୱାମୀତୟା ବିଭୁଃ ।
ସ୍ଥାପୟା ମାସ ପରିତଃ ସ୍ୱୟଂ ମଧ୍ୟେ ବ୍ୟବସ୍ଥିତଃ ॥ (୪/୫୫)

ସେହି ଅଷ୍ଟଶମ୍ଭୁ ହେଲେ କପାଳମୋଚନ, କ୍ଷେତ୍ରପାଳ, ଯମେଶ୍ୱର, ମାର୍କଣ୍ଡେଶ୍ୱର, ଈଶାଣେଶ୍ୱର, ବିଲ୍ୱେଶ, ନୀଳକଣ୍ଠ ଏବଂ ବଟେଶ୍ୱର ।

ଶିବରାତ୍ରି ଉପଲକ୍ଷ୍ୟେ ଶ୍ରୀମନ୍ଦିରରେ ବଲ୍ଲଭ ଭୋଗ ସରିବାପରେ ଭଣ୍ଡାର ଲୋକନାଥ ନୂତନ ପଟ୍ଟବସ୍ତ୍ର ସହ ବେଶ ହୋଇ ହରିହର ଭେଟ ନିମିତ୍ତ ପ୍ରସ୍ତୁତ ଥାଆନ୍ତି । ଶ୍ରୀଲୋକନାଥଙ୍କ ସେବକ ଆସି ତାଙ୍କୁ ଲୋକନାଥ ପୀଠକୁ ନିଅନ୍ତି । ହରିହର ଭେଟ ପରେ ତାଙ୍କର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ ହୁଏ । ଶିବରାତ୍ରି ଉପଲକ୍ଷ୍ୟେ ଶ୍ରୀଲୋକନାଥଙ୍କ ପୀଠରେ ଅନୁଷ୍ଠିତ ଜାଗର ମେଳାରେ ବହୁ ଜନସମାଗମ ହୁଏ । ଶ୍ରୀମନ୍ଦିର ପରିସରସ୍ଥ ବେଢ଼ା ଲୋକନାଥ ମନ୍ଦିରରେ ସେଦିନ ପର୍ବାଣି ନୀତି ଅନୁଷ୍ଠିତ ହୁଏ । ପୂଜାପଣ୍ଡାଙ୍କ ଦ୍ୱାରା ମୁକ୍ତିମଣ୍ଡପ ସଂଲଗ୍ନ ମୁକ୍ତେଶ୍ୱର ମହାଦେବଙ୍କ ଠାରେ ପର୍ବାଣି ଭୋଗ ସମ୍ପନ୍ନ ହୁଏ । ଅଗ୍ନୀଶ୍ୱର ମହାଦେବଙ୍କୁ କୋଠରୁ ପ୍ରାପ୍ତ ଚଣାଖଜା ଭୋଗ କରାଯାଏ । ଶ୍ରୀମନ୍ଦିରାନ୍ତର୍ଗତ ସମସ୍ତ ଶିବମନ୍ଦିର, ଶ୍ରୀକ୍ଷେତ୍ରର ସମସ୍ତ ଶୈବପୀଠ ଏବଂ ସାହିମାନଙ୍କରେ ଥିବା ବାନାୟର ମନ୍ଦିରମାନଙ୍କରେ ମଧ୍ୟ ଶିବରାତ୍ରିରେ ବିଶେଷ ପୂଜାର୍ଚ୍ଚନା, ପ୍ରଦୀପ ପ୍ରଜ୍ୱଳନ ଏବଂ ଖଜା, ଜଗନ୍ନାଥବଲ୍ଲଭ ଆଦି ରହଣି ଭୋଗ କରାଯାଇଥାଏ ।

*ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ*
*ସମ୍ପାଦକ- ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ*
*ମିଶ୍ର ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ*

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ଦେବାଭିଷେକ ଓ ପୁଷ୍ୟାଭିଷେକ ପୂର୍ଣ୍ଣିମା :

ତା ୬.୧.୨୩ ରିଖ ଶୁକ୍ରବାର ପୌଷ ପୂର୍ଣ୍ଣମୀ ଅବସରରେ ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ବା ଦେବାଭିଷେକ ନୀତି ଯଥାରୀତି ଅନୁଷ୍ଠିତ ହୋଇଥିଲା । ପୂର୍ବଦିନ ରାତ୍ର ଚନ୍ଦନଲାଗି ବଢ଼ିଲା ପରେ ପୂର୍ବରୁ ଧୋ-ପଖାଳ ହୋଇ



ରହିଥିବା ଭୋଗମଣ୍ଡପ ଘରେ ପର୍ବଯାତ୍ରା ଯୋଗାଣିଆ ରୋଷ କୂଅରୁ ପାଣି ଆଣି ୮୭ ଗରାରେ ଜଳ ଭର୍ତ୍ତି କରିବା ସହିତ ୨୧ ଗରାରେ ଘିଅ ରଖିଥିଲେ । ମୋଟ ୧୦୮ ଗରାକୁ ୪ ବାଡ଼ କରି ରଖିଲା ପରେ ଚେମେଡ଼ି ପତନି ଘୋଡ଼ାଇ ଫୁଲ ଚନ୍ଦନ ଦିଆଯାଇ ଅଧିବାସ ହୋଇଥିଲା । ପରେ ତଢ଼ାଉ କରଣ ଉକ୍ତ ଦୁଆରକୁ ମୁଦ ଦେଇଥିଲେ । ତା'ପରେ ବଡ଼ସିଂହାର ବେଶ ବଢ଼ି ଭୋଗ ସରିଲା ପରେ ମହାପ୍ରଭୁଙ୍କ ସାମ୍ନା କାନ୍ଥ ନିକଟରେ ଏକଗୋଟି ଭଦ୍ରାସନ ରଖାଯାଇ ଏହାର ଚ଼ତୁଃପାର୍ଶ୍ୱରେ ମାଟିବାଡ଼ ଦିଆଯାଇଥିଲା । ଭଦ୍ରାସନ ଉପରେ ପାହାଡ଼ା ପଡ଼ି ଦର୍ପଣ ଅଧିବାସ ହୋଇ ରାତ୍ର ପହୁଡ଼ ହୋଇଥିଲା । ପୂର୍ଣ୍ଣମୀ ଦିନ ଦୈନନ୍ଦିନ ନୀତି ପ୍ରକାରେ ସକାଳ ଧୂପ ପୂଜା ବସିବା ସମୟରେ ପ୍ରତିହାରୀ ନିଯୋଗ ସାମନାରେ ହୋମ ହୋଇଥିଲା । ଧୂପ ସରିଲାପରେ ମହାପ୍ରଭୁଙ୍କ ବାଡ଼ରେ ମୈଲମ ହୋଇ ମହାସ୍ନାନ ପୂଜା ଠା' ହୋଇ ଭୋଗମଣ୍ଡପ ଘରୁ ୪ ବାଡ଼ରେ ଜଳ ଗରାମାନ ଗରାବଡୁମାନଙ୍କ ଦ୍ୱାରା ବାଘମୁହାଁ ସହିତ ଘଣ୍ଟ, ଛତା, କାହାଳୀ ପଟୁଆରରେ ଛାମୁକୁ ଆସିଲା ପରେ, ଖଇକୋରା ଭୋଗ ସରି ଅଭିଷେକ ନୀତି ସମାପନ ହୋଇଥିଲା ଏବଂ ପାଣିପଡ଼ି ତିନି ବାଡ଼ରେ ଅଭିଷେକ ବେଶ ହୋଇଥିଲା । ପରେ ଘଣ୍ଟ, ଛତା, କାହାଳୀ ସହିତ ତଳିଛ, ପ୍ରଧାନୀ ହାତ ପୈଠରେ ଛେକ ଛାମୁକୁ ଆସିଲା ପରେ ମହାଲକ୍ଷ୍ମୀ ମାଜଣା ହୋଇ ଶ୍ରୀଅଙ୍ଗରେ ଲାଗି ହୋଇଥିଲେ । ଭିତରଛ ଦଣ୍ଡଛତ୍ର ଧରିଥିଲେ, ପାଳିଆ ମେକାପ ଛତ୍ରର ବେଣ୍ଟକୁ ଜାବୁଡ଼ି ଧରିଥିଲେ । ଏହାପରେ ଭୋଗ ସରି ବନ୍ଦାପନା ହୋଇଥିଲା ଏବଂ ମୁଦିରସ୍ତ ଫୁଲଶର, ଆୟୁଧ ଲାଗି କରି ଋମର, ଆଲଟ କରିଥିଲେ । ପରେ ଘସାବିଡ଼ିଆ, ଦହିପଟି ମଣୋହୀ ହୋଇ ଫୁଲଶର ମୈଲମ ହେବା ପରେ ରଘୁନାଥ ସିଂହାସନକୁ ବିଜେ ହୋଇ ଆଜ୍ଞାମାଳ ପାଇ ପାଲିଙ୍କିକୁ ବିଜେ ହୁଅନ୍ତେ ମୁଦିରସ୍ତ ଶାଢ଼ୀ ବାନ୍ଧିଥିଲେ । ମୁଦିରସ୍ତ ଶାଢ଼ୀ ବାନ୍ଧି ପାଳିଆ ଖୁଣ୍ଟିଆ ଓ ଆସ୍ଥାନ ପଢ଼ିଆରୀଙ୍କ ଉପସ୍ଥିତିରେ ଜମ୍ବେଶ୍ୱର ମନ୍ଦିରକୁ ଯାଇ ଭୋଗ ନୀତି ସାରି ସ୍ୱଗୃହକୁ ଆସନ୍ତେ ମଙ୍ଗଳାର୍ପଣ ହୋଇ ଅନ୍ୟାନ୍ୟ ନୀତିମାନ ହୋଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ଦିନ ଶ୍ରୀବିଗ୍ରହମାନଙ୍କର 'ସୁନାବେଶ' ହୋଇଥାଏ ।

## ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ପଦ୍ମବେଶ :

ତା ୨୫.୧.୨୩ରିଖ ବୁଧବାର ଶ୍ରୀବିଗ୍ରହମାନଙ୍କର ପଦ୍ମବେଶ ହୋଇଥିଲା । ପ୍ରତିଦିନ ପରି ସମସ୍ତ ନୀତିମାନ ହୋଇ ସଂଧ୍ୟାଧୂପ ସରି ବଡ଼ଛତା ମଠ ଯୋଗାଇଥିବା ବେଶ ଉପକରଣମାନଙ୍କ ଦ୍ୱାରା ପଦ୍ମବେଶ ହୋଇଥିଲା । ରାତ୍ର ବଡ଼ସିଂହାର ଭୋଗରେ କ୍ଷୀରି ଛାମୁରେ ବଢ଼ାଯାଇ ଭୋଗ ସମାପନ ହୋଇ ପହୁଡ଼ ହୋଇଥିଲା । ପରଦିନ ମଙ୍ଗଳ ଆଳତି ବଢ଼ିଲା ପରେ ଏହି ବେଶରେ ଦର୍ଶନାର୍ଥୀମାନେ ଦର୍ଶନ କରିଥିଲେ । ଏଠାରେ ଉଲ୍ଲେଖ୍ୟଯୋଗ୍ୟ ଯେ ଗତ କିଛି ବର୍ଷ ଧରି ଭକ୍ତ ଶ୍ରୀଯୁକ୍ତ ଚିନ୍ତାମଣି ଦାଶ ମହାପ୍ରଭୁଙ୍କର ପଦ୍ମବେଶରେ ଲାଗି ନିମନ୍ତେ 'ପଦ୍ମଫୁଲ' ଶ୍ରୀମନ୍ଦିରକୁ ପ୍ରଦାନ କରି ଆସୁଅଛନ୍ତି ।





## ଶ୍ରୀମନ୍ଦିରରେ ବସନ୍ତ ପଞ୍ଚମୀ ଓ ରଥକାଠ ଅନୁକୂଳ ପୂଜା :

ତା ୨୬.୧.୨୩ରିଖ ଗୁରୁବାର ମାଘ ଶୁକ୍ଳ ପଞ୍ଚମୀ ତିଥିରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଭାବେ ବସନ୍ତ ପଞ୍ଚମୀ ନୀତି ଅନୁଷ୍ଠିତ ହୋଇଥିଲା । ଏହି ଦିନ ମଧ୍ୟାହ୍ନ



ଧୂପ ସରିଲା ପରେ ମଇଲମ ହୋଇ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରଥଙ୍କ ଦ୍ୱାରା ସର୍ବାଙ୍ଗ ଚନ୍ଦନଲାଗି ହେବା ପରେ ଶ୍ରୀଦେବୀ, ଭୂଦେବୀ ଦକ୍ଷିଣ ଘରକୁ ବିଜେ ହୋଇଥିଲେ । ଭିତର ଚାଚେରୀ ବେଶ ବଢ଼ିଲା ପରେ ଶ୍ରୀଦେବୀ, ଭୂଦେବୀ ସିଂହାସନକୁ ଆସିଲା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ବନ୍ଦାପନା ପରେ ମୁଦିରସ୍ତ ରାଜନୀତି କରିଥିଲେ । ପରେ ଘଣ୍ଟ, ଛତା, କାହାଳୀ ପଟୁଆରରେ ସିଂହଦ୍ୱାର ଦେଇ ବିମାନ ଜଗନ୍ନାଥବଲ୍ଲଭ ଅଭିମୁଖେ ଯାତ୍ରା କରିଥିଲେ । ସେଠାରେ ରୁନ୍ଧା ଖୋଲାଯାଇ ଠାକୁର ଠାକୁରାଣୀ ଜଗତି ଉପରେ ବିଜେ ହେଲା ପରେ ଫଗୁ ଖେଳିଥିଲେ ଏବଂ ଆଲଟ ଚାମର ହୋଇ ବନ୍ଦାପନା ହୋଇଥିଲେ । ପରେ ବେଣ୍ଟ ପୋଖରୀକୁ ବେଣ୍ଟ ବିନ୍ଧିବା ନିମନ୍ତେ ବିଜେ ହେବାରେ ବେଣ୍ଟ ବିନ୍ଧିଥିଲେ । ଏହାପରେ ଦିଅଁମାନେ ବାହୁଡ଼ା ବିଜେ କରିଥିଲେ । ଭିତରେ ସନ୍ଧ୍ୟାଧୂପ ସରିଲା ପରେ ସରସ୍ୱତୀ ମନ୍ଦିର ନିକଟରେ ପାଞ୍ଜି ପୂଜା ହୋଇଥିଲା ଏବଂ ଦେଉଳ କରଣମାନଙ୍କ ଦ୍ୱାରା ଅନ୍ୟାନ୍ୟ ନୀତିମାନ ଅନୁଷ୍ଠିତ ହୋଇଥିଲା । ପରମ୍ପରା ଅନୁଯାୟୀ ଏହି ଦିନ ସନ୍ଧ୍ୟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ଭାଗରେ ରଥକାଠ ଅନୁକୂଳ ପୂଜା ଅନୁଷ୍ଠିତ ହୋଇଥିଲା ।



*ପୂର୍ବ ପ୍ରକାଶିତ ଉତ୍ତାରୁ ....*

# ମନ୍ଦିରର ଶିଳ୍ପକଳା

**(୩) ନାଟମନ୍ଦିର-** ରତ୍ନସିଂହାସନ ସମ୍ମୁଖସ୍ଥ ସ୍ଥାନକୁ ନାଟମନ୍ଦିର, ସ୍ଥାନୀୟ ଭାଷାରେ ଜଗମୋହନ କୁହାଯାଏ । ପ୍ରକୃତରେ ଏହି ସ୍ଥାନରେ ହିଁ ଜଗମୋହନର ସମସ୍ତ କାର୍ଯ୍ୟ ହୁଏ, କିନ୍ତୁ କୌଣସି ନୃତ୍ୟ ସଂଗୀତ ହୁଏନାହିଁ । ଏହି ନାଟମନ୍ଦିର ବା ଜଗମୋହନଟି ୧୬ ଗୋଟି ଚାରିକୋଣିଆ ଖମ୍ଭ ଦ୍ୱାରା ଆଧାରିତ ହୋଇ ଛିଡ଼ାହୋଇଛି । ଏହାର ଛାତଟି ତିନିଥାକ, କିନ୍ତୁ ଶିଖର ଆକୃତି ନୁହେଁ, ସମତଳ । ଖମ୍ଭଗୁଡ଼ିକର ଚାରିପଟେ କେତେକ ଦେବ ଦେବୀଙ୍କର ମୂର୍ତ୍ତି କିମ୍ବା ଚିତ୍ର ରହିଛି ଓ ସେମାନଙ୍କ ମଧ୍ୟରୁ କେତେକଙ୍କର ନିୟମିତ ପୂଜା ମଧ୍ୟ ହୁଏ । ସେମାନଙ୍କ ମଧ୍ୟରେ ଗଣେଶ, କାଳିକା, ବିମଳା, ଗାୟତ୍ରୀ, ମଙ୍ଗଳା, ଚକ୍ରନାରାୟଣ, ନୃସିଂହ, ଚୈତନ୍ୟ ପ୍ରଭୃତିଙ୍କର ନାମ ଉଲ୍ଲେଖଯୋଗ୍ୟ । ଛାତପାଖକୁ ଶ୍ରୀକୃଷ୍ଣଲୀଳାର ଭିନ୍ନ ଭିନ୍ନ ଦୃଶ୍ୟର ଚିତ୍ର ଧାଡ଼ି ଧାଡ଼ି ହୋଇ ଓ ଜଗନ୍ନାଥଙ୍କର କେତେକ ସ୍ୱରୂପ ଚିତ୍ର ଗୋଟିକିଆ ହୋଇରହିଛି । ଏହାର ପୂର୍ବପଟେ ବିଷ୍ଣୁଙ୍କର ଅନନ୍ତଶୟନ ମୂର୍ତ୍ତି, କାଞ୍ଚିବିଜୟ ଯାତ୍ରା ଦୃଶ୍ୟ ଓ ଦଶ ଅବତାରଙ୍କ ମୂର୍ତ୍ତି ରହିଛି । ଏଥିରେ ଜଗନ୍ନାଥଙ୍କୁ ନବମ ଅବତାର ଭାବରେ ଦର୍ଶାଯାଇଛି । ଏଠାରେ ମଧ୍ୟ ଭୋଗମଣ୍ଡପ ଦ୍ୱାର ଦୁଇପଟେ ବ୍ରହ୍ମା ଓ ଶିବଙ୍କର ମୂର୍ତ୍ତି ଶ୍ରୀଜଗନ୍ନାଥଙ୍କୁ ପ୍ରଣାମ କରୁଥିବା ଭଙ୍ଗୀରେ ରହିଛି । ଏହି ଜଗମୋହନ ମଧ୍ୟରେ ବାହାର କାଠ ବା ଅର୍ଗଳିର ପୂର୍ବପଟେ ଭକ୍ତମାନେ ଉପସ୍ଥିତ ହୋଇ ଜଗନ୍ନାଥଙ୍କୁ ଦର୍ଶନ ଓ ପ୍ରଣାମ କରନ୍ତି । କେହି କେହି ଭକ୍ତ ଏଠାରେ ବସି ପୁରୁଷସୂକ୍ତ, ବିଷ୍ଣୁ ସହସ୍ରନାମ, ଗୀତା, ଭାଗବତ ପ୍ରଭୃତି ପୁରାଣ ପାଠ କରନ୍ତି । ବିଭିନ୍ନ ସମୟରେ ଭକ୍ତମାନେ ଏଠାରେ ବେଦପାଠ ଓ ଭଜନଗାନ ମଧ୍ୟ କରିଥାନ୍ତି । ଏହି ଜଗମୋହନରେ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ 'ହୁଣ୍ଡି' ସ୍ଥାପନ କରାଯାଇଛି । ଭକ୍ତମାନେ ନିଜ ନିଜର ଦାନ ଟଙ୍କା, ସୁନା ଆକାରରେ ଏହି 'ହୁଣ୍ଡି' ମଧ୍ୟରେ ପକାଇଥାନ୍ତି ।



**(କ) ଗରୁଡ଼ ସ୍ତମ୍ଭ-** ଜଗମୋହନ ମଧ୍ୟରେ ଗରୁଡ଼ ସ୍ତମ୍ଭ ଅଛି । ଗରୁଡ଼ ବିଷ୍ଣୁଙ୍କର ବାହନ ହୋଇଥିବାରୁ ଜଗନ୍ନାଥଙ୍କର ମଧ୍ୟ ବାହନ ଅଟେ । ଗରୁଡ଼ର ଆଖି ଦୁଇଟି ସର୍ବଦା ଜଗନ୍ନାଥଙ୍କ ପାଦ ଦେଶକୁ ଲକ୍ଷ୍ୟ କରି ରହିଛି । ସେଥିପାଇଁ ରତ୍ନବେଦୀର ଉଚ୍ଚତା ଅନୁସାରେ ସ୍ତମ୍ଭ ଉପରେ ଗରୁଡ଼ର ଅବସ୍ଥିତିର ସମତା ରକ୍ଷା କରାଯାଇଛି । ଶ୍ରୀଚୈତନ୍ୟ ଏହି ଗରୁଡ଼ ସ୍ତମ୍ଭର ପଛ ଭାଗରୁ ଜଗନ୍ନାଥଙ୍କୁ ଦର୍ଶନ କରିଥିଲେ । ଏବେ ସୁଦ୍ଧା ଗରୁଡ଼ ସ୍ତମ୍ଭର ପଛ ଭାଗରେ ଭୋଗମଣ୍ଡପ ଦ୍ୱାର ନିକଟରେ ଚୈତନ୍ୟଙ୍କର ଅଙ୍ଗୁଳି ଚିହ୍ନ ଦୃଷ୍ଟିଗୋଚର ହୁଏ । ଲୋକେ ଗରୁଡ଼ ସ୍ନାନ ଜଳକୁ ସର୍ବରୋଗ ନିରୋଧକ ଭାବରେ ବ୍ୟବହାର କରିଥାଆନ୍ତି ।

**(୪) ଭୋଗମଣ୍ଡପ ମନ୍ଦିର-** ଗରୁଡ଼ ସ୍ତମ୍ଭର ପଛଭାଗରେ ଭୋଗମଣ୍ଡପ ମନ୍ଦିର ଅଛି । ମନ୍ଦିର ନିର୍ମାଣ ପୂର୍ବରୁ ଏହି ସ୍ଥାନରେ ଶ୍ରୀ ଶଙ୍କରାଚାର୍ଯ୍ୟ ରହି ଜଗନ୍ନାଥଙ୍କ ସେବା ପରିଚ୍ଛଳନା କରୁଥିବାର ଶୁଣାଯାଏ । ଏବେ ଏଠାରେ ଭୋଗମଣ୍ଡପ ବେଳେ ବହୁ ପରିମାଣରେ ଅନ୍ନଭୋଗ ହେଉଅଛି । ଏହା ଚାରିଗୋଟି ଖମ୍ଭ ଉପରେ ଅବସ୍ଥାପିତ । ଏହାର ଶିଖର ପୀଢ଼ାକୃତି ଓ ସବା ଉପରେ ଚକ୍ର ସ୍ଥାନରେ ଗରାଟିଏ ଅଛି । ଏହି ମନ୍ଦିରର ବାହାର ପଟରେ ଅତିସୂକ୍ଷ୍ମ କାରୁକାର୍ଯ୍ୟ ସହିତ ବିଭିନ୍ନ ଦେବଦେବୀଙ୍କ ସମ୍ବନ୍ଧିତ ଅନେକ ଦୃଶ୍ୟ ତଥା ରାଜକୀୟ ଉତ୍ସବର ମୂର୍ତ୍ତିଫଳକ ଦେଖିବାକୁ ମିଳେ । ତାହା ମଧ୍ୟରେ ଜଣେ ଗଜପତି ମହାରାଜା ଦୁର୍ଗାମାଧବ ବିଗ୍ରହଙ୍କୁ ପୂଜା କରୁଥିବାର ମୂର୍ତ୍ତିଫଳକ ମଧ୍ୟ ଅଛି(କ୍ରମଶଃ)

# ଚଳିତ ବର୍ଷ ରଥଯାତ୍ରାର ଆଦ୍ୟ ପର୍ବ- ରଥ କାଠ କଟା ଅନୁକୂଳ

ଜଗତର ନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚଳିତ ବର୍ଷ ବିଶ୍ୱ ପ୍ରସିଦ୍ଧ 'ରଥଯାତ୍ରା'ର ପ୍ରସ୍ତୁତିପର୍ବ ଆରମ୍ଭ ହୋଇସାରିଛି । ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକର ଛାମୁଣ୍ଡିଆ ପଞ୍ଚାୟତର ବଡ଼ମୂଳ ଗାଁର ମା' ବଡ଼ରାଉଳ ଦେବୀଙ୍କ ପୀଠରେ ତା ୨୭.୧୨.୨୨ରେ ମଙ୍ଗଳବାର ପାରମ୍ପରିକ ରୀତି-ନୀତି ଅନୁଯାୟୀ ମହାପ୍ରଭୁଙ୍କ 'ରଥକାଠ କଟା' ପାଇଁ ପୂଜାର୍ଚ୍ଚନା ହୋଇଅଛି । ଏହି ପରିପ୍ରେକ୍ଷୀରେ ତା ୨୬.୧୨.୨୨ରିଖ ସୋମବାରରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ, ବରିଷ୍ଠ ତତ୍ତ୍ୱାବଧାରକ ଶ୍ରୀଯୁକ୍ତ ସୁଦର୍ଶନ ମେକାପଙ୍କ ନେତୃତ୍ୱରେ ଏକ ୩ ଜଣିଆ ସ୍ୱତନ୍ତ୍ର ପ୍ରତିନିଧି ଦଳ ରଥକାଠ ଯୋଗାଡ଼ ପାଇଁ ନୟାଗଡ଼ ଯାତ୍ରା କରିଥିଲେ । ଏଥିରେ ସାମିଲ ଥିଲେ, ରଥକାଠ ଅମିନ ଶ୍ରୀ ଲକ୍ଷ୍ମଣ ମହାପାତ୍ର ଏବଂ ଭୋଇ ସର୍ଦ୍ଦାର ଶ୍ରୀ ରବି ଭୋଇ ପ୍ରମୁଖ । ଏହି ଦଳ ଉକ୍ତ ଦିନ ଅପରାହ୍ଣ ୪ ଘଟିକା ସମୟରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରୁ ମହାପ୍ରଭୁଙ୍କ ଲାଗିମାଳ, ଲାଗି ଖଣ୍ଡୁଆ, ମହାପ୍ରସାଦ, ପତନୀ ଓ ମାହାର୍ଦ୍ଧ ଧରି ନୟାଗଡ଼କୁ ଯାତ୍ରାରମ୍ଭ କରିଥିଲେ । ସେଠାରେ ବନବିଭାଗ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରାଯିବା ସହ ସଂକୀର୍ତ୍ତନ ପଟୁଆରରେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସେମାନଙ୍କୁ ପାଛୋଟି ନିଆଯାଇଥିଲା । ପରମ୍ପରା ଅନୁଯାୟୀ ମା' ବଡ଼ରାଉଳଙ୍କୁ ମହାପ୍ରଭୁଙ୍କ 'ଲାଗିମାଳ ଓ ମାହାର୍ଦ୍ଧ' ଅର୍ପଣ କରାଯାଇଥିଲା । ନୟାଗଡ଼ ବନଖଣ୍ଡ ଅଧିକାରିଣୀ ଶ୍ରୀମତୀ କ୍ଷମା ଷଡ଼ଙ୍ଗୀ ଓ ଦଶପଲ୍ଲା ବନାଞ୍ଚଳ ଅଧିକାରୀ ଶ୍ରୀ ନିଖିଳେଶ ମଲ୍ଲିକଙ୍କ ପୌରହିତ୍ୟରେ 'ହୋମ କାର୍ଯ୍ୟ' କରାଯାଇଥିଲା । ପରେ 'ରଥ ନିର୍ମାଣ' ନିମନ୍ତେ ଅସନ, ଧଉରା, ଫାଶି ଓ ସିମିଳି କାଠ କାଟିବା କାର୍ଯ୍ୟ ଆରମ୍ଭ ହୋଇଥିଲା । ରଥକୋଡ୍ ଅନୁଯାୟୀ ମହାପ୍ରଭୁଙ୍କ ରଥକାଠ, ପ୍ରତ୍ୟେକ ବର୍ଷ ନୟାଗଡ଼ ବନଖଣ୍ଡ ଯୋଗାଇଥାଆନ୍ତି । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ 'ରଥଯାତ୍ରା' ନିମନ୍ତେ ୩ ଗୋଟି ରଥ ନିର୍ମାଣ ପାଇଁ ମୋଟ ୮୬୫ ଖଣ୍ଡ କାଠର ଆବଶ୍ୟକତା ଥିବାବେଳେ ଚଳିତ ବର୍ଷ ୭୪୭ ଖଣ୍ଡ କାଠର ଆବଶ୍ୟକତା ରହିଅଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତବର୍ଷର ୧୧୮ ଖଣ୍ଡ କାଠ ଶ୍ରୀମନ୍ଦିର ପ୍ରଶାସନ ପାଖରେ ଗଚ୍ଛିତ ରହିଅଛି । ୭୪୭ ଖଣ୍ଡ କାଠର ଆବଶ୍ୟକତା ମଧ୍ୟରୁ ରଥଖଳାକୁ ୩୪୧ ଖଣ୍ଡ ଏବଂ କଟକସ୍ଥିତ ଖପୁରିଆ (O.F.D.C.) କରତ କଳକୁ ୪୦୬ ଖଣ୍ଡ କାଠ ଯିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇ ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କୁ ଚିଠି ଦ୍ୱାରା ଜଣାଇ ଦିଆଯାଇଅଛି ।



ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଆସନ୍ତା ତା ୨୬.୧.୨୩ ରିଖ ଗୁରୁବାର ଶ୍ରୀପଞ୍ଚମୀ (ସରସ୍ୱତୀ ପୂଜା) ପୂର୍ବରୁ ୨ଟ୍ରିପ୍ ରଥ କାଠ ରଥ ଖଳାରେ ପହଞ୍ଚିବ । ସେଥିମଧ୍ୟରୁ ୩ଗୋଟି ୧୨ ଫୁଟ ଲମ୍ବର 'ଧଉରା' କାଠ ସରସ୍ୱତୀ ପୂଜାଦିନ ରଥଖଳାରେ ପୂଜାର୍ଚ୍ଚନା କରାଯାଇଥିଲା ଏବଂ ଶ୍ରୀରାମ ନବମୀ ତିଥି ଠାରୁ କଟକ ଖପୁରିଆସ୍ଥିତ କରତକଳ ଠାରେ 'ରଥ କାଠ ଚିରଟ' ଅନୁକୂଳ କରାଯିବର ବ୍ୟବସ୍ଥା ରହିଅଛି । ପବିତ୍ର ଅକ୍ଷୟ ତୃତୀୟା' ଦିବସ ଠାରୁ ଶ୍ରୀବିଗ୍ରହମାନଙ୍କ ୩ ଗୋଟି ରଥର ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରାଯିବ ।



# ଫଟୋରେ ଖବର...



ତା ୬.୧.୨୩ରେ ପବିତ୍ର ପୁଷ୍ୟା ନକ୍ଷତ୍ର ତିଥିରେ ରାଜ ନଅରରେ ଗଜପତି ମହାରାଜା ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବଙ୍କ ପୁଷ୍ୟାଭିଷେକ



ତା ୧.୧.୨୩ରେ ନୂତନ ବର୍ଷରେ ଶ୍ରୀମନ୍ଦିର ଦ୍ୱାର ଫିଟା ନୀତି ସମୟରେ ଉପସ୍ଥିତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବ, ଉପ-ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ସମର୍ଥ ବର୍ମା ଏବଂ ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁ









ତା ୭.୧.୨୩ରେ ନୀଳାଦ୍ରି ଭକ୍ତନିବାସ ଠାରେ ପୂର୍ବ ବର୍ଷମାନଙ୍କରେ ରଥ ନିର୍ମାଣ ପାଇଁ 'ଫାସି କାଠ ଯୋଗାଇଥିବା ଦାତାମାନଙ୍କୁ' ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଗଜପତି ମହାରାଜା ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବ, ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନଙ୍କ ଉପସ୍ଥିତିରେ ଲାଗି ଖଣ୍ଡୁଆ, ଧ୍ୱଜା, ମହାପ୍ରସାଦ ଏବଂ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରୁଅଛନ୍ତି

# ଫଟୋରେ ଖବର...



ତା ୧.୧.୨୩ରେ ନୂତନ ବର୍ଷ ଅବସରରେ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୧୨.୧.୨୩ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏବଂ ପାଟଯୋଶୀ ଜନାର୍ଦ୍ଦନ ମହାପାତ୍ରଙ୍କ ଉପସ୍ଥିତିରେ ଆହୂତ 'ପାଞ୍ଜି ସମୀକରଣ ବୈଠକ'



ତା ୧୦.୧.୨୩ରେ ଛତିଶଗଡ଼ର ମହାମହିମ ରାଜ୍ୟପାଳ ଅନୁସୂୟା ଉଇକି ଶ୍ରୀମନ୍ଦିରରେ ଶ୍ରୀଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୧୭.୧.୨୩ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବଙ୍କ ଅଧ୍ୟକ୍ଷତାରେ ଆହୂତ 'ଲ୍ୟାଣ୍ଡ ସବ୍-କମିଟି' ବୈଠକ



ତା ୨୧.୧.୨୩ରେ ନୀଳାଦ୍ରି ଭକ୍ତନିବାସ ଠାରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଆୟୋଜିତ ନିଃଶୁଳ୍କ 'ଚକ୍ଷୁ ପରୀକ୍ଷା ଶିବିର'



ତା ୨୧.୧.୨୩ରେ ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ନୟାଗଡ଼ ବନଖଣ୍ଡରୁ ପ୍ରଥମ ପର୍ଯ୍ୟାୟରେ ତିନିଗୋଟି ଟ୍ରକରେ୧୦୪ ଖଣ୍ଡ ଅସନ ଓ ଧଉରା କାଠ ରଥଖଳା ଠାରେ ପହଞ୍ଚିଅଛି

### ପୁସ୍ତକ- ଯୁଗେ ଯୁଗେ ରଥଯାତ୍ରା ...

ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପ୍ରକାଶିତ 'ଯୁଗେ ଯୁଗେ ରଥଯାତ୍ରା' ପୁସ୍ତକରେ ଅତୀତର ରଥଯାତ୍ରା ବିବରଣୀକୁ ଶୃଙ୍ଖଳିତ ଧାରାରେ ସଂକଳନ କରାଯାଇ ପ୍ରକାଶ କରାଯାଇଛି । ଆଗ୍ରହୀ ପାଠକ/ପାଠିକାମାନଙ୍କୁ ସୂଚନା ପ୍ରଦାନ ପୂର୍ବକ ଏହାକୁ ପୁନର୍ବାର 'ଶ୍ରୀମନ୍ଦିର ସମାଚାର'ରେ ପ୍ରତ୍ୟେକ ମାସରେ ପର୍ଯ୍ୟାୟ କ୍ରମେ ପ୍ରକାଶ କରାଯାଉଅଛି ।

## (୧) ୧୮୬୯ ମସିହା ପୁରୀ ରଥଯାତ୍ରା

(ଭାଗ-୪-ସଂଖ୍ୟା ୩୦ - ତା ୨୪ ରିଖ, ଜୁଲାଇ)

ଆମ୍ଭେମାନେ ଆନନ୍ଦ ସହିତ ପାଠକମାନଙ୍କୁ ଜଣାଉଅଛୁଁ ଯେ ଏ ବର୍ଷ ପୁରୁଷୋତ୍ତମର ରଥଯାତ୍ରା ପର୍ବ ବଡ଼ ସୁନ୍ଦର ରୂପେ ନିର୍ବାହ ହେଲା । କୌଣସି ପ୍ରକାର ଉତ୍ପାତ କି ଦୁର୍ଘଟନା ହୋଇନାହିଁ । ଶ୍ରୀଜଗନ୍ନାଥ ମହାପ୍ରଭୁ ରଥରେ ବିଜେ କରି ଅବିଶ୍ରାନ୍ତ ରୂପେ ବେଗାବେଗି ଗୁଣ୍ଡିଚା ଘରକୁ ଗମନ କରି ଅଛନ୍ତି ଏମନ୍ତକି ଠିକ୍ ତିନି ଦିନରେ ସେଠାରେ ତିନି ରଥଯାକ ପ୍ରବେଶ



ହେଲା । ଯାତ୍ରୀଙ୍କ ସଂଖ୍ୟା ଏ ବର୍ଷ ଅତ୍ୟଳ୍ପମାତ୍ର କହିବାକୁ ହେବ । କାରଣ ଆନୁମାନିକ ସଂଖ୍ୟା ୬୦୦୦ ଯାତ୍ରୀଠାରୁ ଅଧିକ ନୁହଇ । ଯାତ୍ରୀ ଏଡ଼େ ଊଣା ପଡ଼ିବାର ଏହି କାରଣ ମନୋନୀତ ହୁଅଇ ଯେ ଗତବର୍ଷ ନଦୀବଢ଼ି ଓ ବର୍ଷାରେ ଏମାନଙ୍କର ଅତ୍ୟନ୍ତ କ୍ଳେଶ ହୋଇଥିଲା ଓ କେତେକ ଲୋକ ନଦୀରେ ଭାସି ମରିଗଲେ । ଏ ବର୍ଷ ପୁଣି ରଥଯାତ୍ରା ଘୋର ବୃଷ୍ଟିକାଳରେ ପଡ଼ିବାରୁ ଲୋକେ ମନେକଲେ ଯେ ଏ ବର୍ଷ ଗତବର୍ଷାପେକ୍ଷା ଅଧିକକ୍ଳେଶ ହେବ । ଏଣୁ ଭୟରେ ବହୁତ ଯାତ୍ରୀ ଆସିନାହାନ୍ତି । ସେ ଯାହାହେଉ ଯେଉଁମାନେ ଆସିଥିଲେ ତାହାଙ୍କର କୌଣସି ଦୁଃଖ ହୋଇନାହିଁ । ଓଲାଉଠା ରୋଗ କି ଯାହାକୁ ଯାତ୍ରୀଙ୍କର ସଙ୍ଗୀ କହିବାକୁ ହେବ ଏ ବର୍ଷ ତାଦୃଶ ପ୍ରତାପ ପ୍ରକାଶ କରିନାହିଁ । ମାତ୍ର କେତେମାସ ହେବ ଏ ରୋଗ ପୁରୁଷୋତ୍ତମ ଜିଲ୍ଲାର ନାନାଭାଗରେ ପ୍ରଚାର ଥିବାର ସାଧାରଣ ରୂପେ ଅନୁଭବ ହୋଇଅଛି । ଆମ୍ଭେମାନେ ବୁଝିଅଛୁଁ ଯେ ଚଳିତ ମାସ ଆରମ୍ଭର ପ୍ରାୟ ୭୦ ଜଣ ଲୋକ ଏ ରୋଗରେ ଆକ୍ରାନ୍ତ ହୋଇଥିଲେ । ଏଥି ମଧ୍ୟରୁ କେବଳ ୧୫/୨୦ ଜଣ ଯାତ୍ରୀ ଅବଶିଷ୍ଟ ନଗରବାସୀ ଅଟନ୍ତି । ଏଥିରୁ ଜଣାଯାଏ ଯେ ଯାତ୍ରୀଙ୍କ ଠାରୁ ଏ ରୋଗ ଜାତ ହୋଇନାହିଁ ।

ଯାତ୍ରୀଙ୍କ ସଂଖ୍ୟା ଅଳ୍ପ ହେବାର ସ୍ୱାସ୍ଥ୍ୟରକ୍ଷା ଉପଲକ୍ଷରେ କୌଣସି ବିଶେଷ ଉପାୟ କରିବାର ଆବଶ୍ୟକ ନହେଲା ସୁତରାଂ ସ୍ଥାନୀୟ କର୍ମଚାରୀମାନେ କେବଳ କେତୋଟା ସାଧାରଣ ତାଟି ନିର୍ମାଣ କରି ନିଶ୍ଚିନ୍ତ ରହିଲେ ଆଉ କିଛି କରିବାର ପ୍ରୟୋଜନ ନ ହେଲା ।

ଏ ପ୍ରସ୍ତାବ ଲେଖାହେଲା ଉତ୍ତାର ସଂବାଦ ପାଇଲୁଁ ଯେ ବାହୁଡ଼ା ଦଶମୀ ଦିନ ଅପରାହ୍ନ ସମୟରେ ଗୁଣ୍ଡିଚା ମଣ୍ଡପ ଠାରେ ଗୋଟିଏ ଅତି ଦୁଃଖଜନକ ବ୍ୟାପାର ଘଟିଥିଲା । ମନ୍ଦିର ଦ୍ୱାର ଫିଟିବାରେ ବିଳମ୍ବ ଅହବାର ଯାତ୍ରୀମାନେ ଉତ୍କଣ୍ଠିତ ଥିଲେ ସୁତରାଂ ଦ୍ୱାର ଫିଟିଲାକ୍ଷଣି ଭାରି ଭିଡ଼ ହେଲା ଓ ରଥର ଦୌଡ଼ିସବୁ ଯେଉଁ ଠାରେ ଥୁଆ ହୋଇଥିଲା ସେଠାରେ ଲୋକ ଠେଲା ଠେଲି ହେବାର ପ୍ରାୟ ୧୦୦ ଲୋକ ପଡ଼ିଯାଇ କିଏ କାହାକୁ ମାଡ଼ି ଦଳିଦେଲା ଭାରି ଆଘାତ ପାଇ ଅନେକ ଲୋକ ଅଚେତନରେ ପଡ଼ି ରହିଲେ ଓ ତଦୁତ୍ତାର ଏହାକୁ ସାଷ୍ଟାଙ୍ଗ କରିବାରେ ଚେତନ ପାଇ ଯେ ଯାହାସ୍ଥାନକୁ ଚାଲିଗଲେ ଦୁଇଲୋକର ପ୍ରାଣତ୍ୟାଗ ହେଲା ଓ ଆଉ ଜ୭ଣ ମଧ୍ୟର ସେ ରାତ୍ରରେ ଫେର ଦୁଇଲୋକ ମରିଗଲେ ଓ ଆଉ ଚାରି ପାଞ୍ଚଲୋକର ପ୍ରାଣର ଭରସା ନାହିଁ ଶୁଣିଲୁଁ ଯେ ଏ ସମୟରେ ରାଜାର ଲୋକ କିମ୍ବା ପୁଲିସ କେହି ଉପସ୍ଥିତ ନ ଥିଲେ । ଆଉ ବିବରଣୀମାନ ଆଗାମି ସପ୍ତାହରେ ଲେଖିବୁ ।

## ପୁସ୍ତକ-ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପଦ୍ଧତି

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମାହାତ୍ମ୍ୟକୁ ଜନମାନସରେ ପାରାୟଣ ଓ ପ୍ରବଚନ ମାଧ୍ୟମରେ ବହୁଳ ପ୍ରଚାର ପାଇଁ 'ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପଦ୍ଧତି ପୁସ୍ତକ'ର ପ୍ରକାଶନ ଶ୍ରୀମନ୍ଦିର ପ୍ରଶାସନର ଏକ ଅନନ୍ୟ ପ୍ରୟାସ । ବିଶ୍ୱବ୍ୟାପୀ ଶ୍ରୀଜଗନ୍ନାଥ ସଂସ୍କୃତିର ବ୍ୟାପକ ପ୍ରଚାର ଓ ପ୍ରସାର ନିମନ୍ତେ ପ୍ରକାଶିତ ଉକ୍ତ ପୁସ୍ତକଟିର ଉପାଦେୟତାକୁ ଉପଲବ୍ଧି କରି, ପର୍ଯ୍ୟାୟକ୍ରମେ ଏହା ଏଠାରେ ନିୟମିତ ପ୍ରକାଶ କରାଯିବ ।

### ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ବିଧାନ ଓ କାଳ ନିର୍ଣ୍ଣୟ

ଭକ୍ତ ଜୀବନର ସର୍ବଶ୍ରେଷ୍ଠ ସାଫଲ୍ୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ କରୁଣା ଲାଭ । ମହାପ୍ରଭୁଙ୍କ ସମ୍ବନ୍ଧରେ ଦିବ୍ୟଜ୍ଞାନ ଲାଭ ମଧ୍ୟ ପରମ ଶାନ୍ତି ପ୍ରଦାୟକ । ନିଜ ସାଧନା, ନିଷ୍ଠା ବଳରେ ଜ୍ଞାନ ଲାଭ ହୋଇଥାଏ । କିନ୍ତୁ ପ୍ରଭୁଙ୍କ କୃପା ଲାଭ ନିମନ୍ତେ ଶ୍ରଦ୍ଧା ଓ ଭକ୍ତି ଆବଶ୍ୟକ । ପ୍ରଭୁଙ୍କ କୃପା ଥିଲେ ଜ୍ଞାନ ମଧ୍ୟ ଅନାୟାସରେ ମିଳେ । ଏହି ଯୁକ୍ତି ସନାତନ ଶାସ୍ତ୍ରମାନଙ୍କର ସିଦ୍ଧାନ୍ତ । ଜ୍ଞାନ ଓ ଭକ୍ତି ଉଭୟ ଲାଭ କରିବା ମଣି-କାଞ୍ଚନ ସଂଯୋଗ ପରି ଅତ୍ୟନ୍ତ ମୂଲ୍ୟବାନ, ଯାହା 'ଶ୍ରୀଜଗନ୍ନାଥ ପାଞ୍ଚରାତ୍ର'ରୁ ଉପଲବ୍ଧ ହୋଇଥାଏ । କାରଣ ଉକ୍ତ ଉପାସନାଜନିତ ପଞ୍ଚବିଧ ଜ୍ଞାନ ଭକ୍ତ୍ୟଙ୍ଗ ସମ୍ବଳିତ କ୍ଷେତ୍ର ଉପରେ ଆଧାରିତ । ପାଞ୍ଚରାତ୍ର ପଦ୍ଧତିର ପାଞ୍ଚଗୋଟି ଅଙ୍ଗ (୧) ଅର୍ଚ୍ଚନା (୨) ଆହୂତି (୩) ସ୍ୱାଧ୍ୟାୟ ବା ପାରାୟଣ (୪) କଥା ଶ୍ରବଣ (୫) ଶ୍ରୀଜଗନ୍ନାଥ ନାମ ସଂକୀର୍ତ୍ତନ ଏପରି ପଞ୍ଚବିଧ । ତନ୍ମଧ୍ୟରୁ ଆହୁତି ଓ ସ୍ୱାଧ୍ୟାୟ ଯଥାକ୍ରମେ କର୍ମକାଣ୍ଡ ଓ ଜ୍ଞାନକାଣ୍ଡର ବିଷୟ ହୋଇଥିଲେ ହେଁ ଏଗୁଡ଼ିକ ନିଷ୍କାମ ଭାବେ ଭଗବତ୍ ପ୍ରୀତ୍ୟର୍ଥେ ଅନୁଷ୍ଠିତ ହେଲେ ଭକ୍ତିର ଅନ୍ତର୍ଗତ ହୋଇଥାଏ । ଏଣୁ 'ଶ୍ରୀଜଗନ୍ନାଥ ପାଞ୍ଚରାତ୍ର' ପଦ୍ଧତିର ଉକ୍ତ ପାଞ୍ଚଗୋଟି ଅଙ୍ଗ ସମ୍ପୂର୍ଣ୍ଣ ଭକ୍ତିମୂଳକ ଏବଂ ଅତ୍ୟନ୍ତ ଶ୍ରଦ୍ଧା, ନିଷ୍ଠା ଓ ସାବଧାନତା ସହ କରଣୀୟ ।

ସନାତନ ଧର୍ମର ଶାସ୍ତ୍ରୀୟ ବ୍ୟବସ୍ଥା ଅନୁସାରେ-

ଅର୍ଚ୍ଚନା- ବ୍ରାହ୍ମମୁହୂର୍ତ୍ତଠାରୁ ଦେବକାର୍ଯ୍ୟ ଆରମ୍ଭ କରାଯାଇପାରେ । ଅନ୍ତତଃ ସୂର୍ଯ୍ୟୋଦୟଠାରୁ ଆନୁଷଙ୍ଗିକ କାର୍ଯ୍ୟ ଆରମ୍ଭ କରି ପୂର୍ବାହ୍ନ ୮ ଘଟିକାରୁ ୧୧ ଘଟିକା ମଧ୍ୟରେ ଅର୍ଚ୍ଚନା କାର୍ଯ୍ୟ ଶେଷ କରାଯିବା ଉଚିତ୍ । ମଧ୍ୟାହ୍ନ ଓ ସାୟଂ କାଳରେ ଭୋଗ ଆରତି ପ୍ରଭୃତି ତାତ୍କାଳିକ କାର୍ଯ୍ୟ ଶୌଚାଚାର ସମ୍ପନ୍ନ ଅଭିଜ୍ଞ ଶ୍ରୋତ୍ରୀୟ ବ୍ରାହ୍ମଣମାନଙ୍କ ଦ୍ୱାରା କରାଯିବା ସମୀଚୀନ ।

ଆହୂତି- ହୋମ ଯାଗ ପ୍ରଭୃତିର ପ୍ରଶସ୍ତ କାଳ ମଧ୍ୟାହ୍ନରୁ ଅପରାହ୍ନ ମଧ୍ୟରେ ଶ୍ରୋତୀୟ ଅଭିଜ୍ଞ ବ୍ରାହ୍ମଣମାନଙ୍କ ଦ୍ୱାରା ଶେଷ କରିବେ ।

ପାରାୟଣ- ପାରାୟଣ ପାଇଁ ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ସମୟ ଉପଯୁକ୍ତ ଅଟେ । ପୂର୍ବାହ୍ନରେ ପାରାୟଣ ଆରମ୍ଭ କରି ସୂର୍ଯ୍ୟାସ୍ତ ପୂର୍ବରୁ ଶେଷ କରିବେ । ସ୍କନ୍ଦ ପୁରାଣୋକ୍ତ 'ପୁରୁଷୋତ୍ତମକ୍ଷେତ୍ର ମାହାତ୍ମ୍ୟ' ଗ୍ରନ୍ଥର ୬୦ ଅଧ୍ୟାୟରେ ସନ୍ନିବେଶିତ ୩୮୬୩ ସଂଖ୍ୟକ ଶ୍ଳୋକଗୁଡ଼ିକୁ ପାରାୟଣ ନିମିତ୍ତ ପାଞ୍ଚ ଦିନରେ ବିଭକ୍ତ କରାଯାଇଅଛି । ଏହା ବିସ୍ତୃତଭାବେ ପରବର୍ତ୍ତୀ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । ଏହି ପଦ୍ଧତି ଅନୁସାରେ ସୁଯୋଗ୍ୟ ବିଦ୍ୱାନ୍‌ମାନଙ୍କ ଦ୍ୱାରା ଏହା ପ୍ରତ୍ୟହ ପାରାୟଣ କରାଯିବ ।

(କ୍ରମଶଃ...)

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି'ରେ ମୁକ୍ତ ହସ୍ତରେ ଦାନ କରନ୍ତୁ ।

*ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

## ପୂର୍ବ ପ୍ରକାଶିତ ଉତ୍ତାରୁ .... ଶ୍ରୀମନ୍ଦିରରେ ବିଜେ ପ୍ରତିମା

### (୩) ଶ୍ରୀଦେବୀ ଓ ଭୂଦେବୀ

ଚନ୍ଦନ ଯାତ୍ରା- ବୈଶାଖ ଶୁକ୍ଳ ତୃତୀୟା ବା ଅକ୍ଷୟ ତୃତୀୟା ଠାରୁ ଏକୋଇଶ ଦିନ ପର୍ଯ୍ୟନ୍ତ ବାହାର ଚନ୍ଦନ ଯାତ୍ରା କାଳରେ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ପ୍ରାପ୍ତ ହୋଇ ଶ୍ରୀମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ମଣିବିମାନରେ ବିରାଜମାନ କରି ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଯାତ୍ରା କରିଥାଆନ୍ତି । ତାଙ୍କ ସହିତ ହାନ୍ଦୋଳାରେ ରାମ ଓ କୃଷ୍ଣ ଯାଇଥାଆନ୍ତି । ପଞ୍ଚପାଣ୍ଡବ ନାମରେ ଆଖ୍ୟାତ ପଞ୍ଚଶମ୍ଭୁ ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକପାଳମୋଚନ ଓ ଶ୍ରୀନୀଳକଣ୍ଠ ମଧ୍ୟ ସ୍ୱ ସ୍ୱ ବିମାନ ଆରୋହଣ କରି ସଙ୍ଗରେ ଯାଇଥାଆନ୍ତି । ସୁସଜ୍ଜିତ ବଡ଼ ଚପରେ ରାମ ଓ କୃଷ୍ଣ ବିଜେ ହେବା ପରେ ପଞ୍ଚପାଣ୍ଡବ ତାହାଙ୍କର ପଶ୍ଚାତ୍ ଭାଗରେ ଅବସ୍ଥିତ ସିଂହାସନକୁ ବିଜେ କରିବା ପରେ ଶ୍ରୀମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଧଳା ଚପରେ ମହାର୍ଘ ସିଂହାସନରେ ବିଜେ ହୁଅନ୍ତି । ଚପ ଉପରେ ପ୍ରସାଦ ଲାଗି ଓ ବିଡ଼ିଆ ମଣୋହି ସରିବା ପରେ ଦିନ ଚପରେ ଠାକୁରମାନେ ପୁଷ୍କରିଣୀ ଚାରିପଟେ ଏକଘେରା ବୁଲି ଆସନ୍ତି । କୂଳରେ ଲାଗିଲା ପରେ ଦୁଇ ଚପ ଏକତ୍ର ହୋଇ ବଡ଼ ଚପରୁ ରାମ ଓ କୃଷ୍ଣ, ସାନ ଚପକୁ ବିଜେ ହେଲେ ବନ୍ଦାପନା ଓ ଆଳଟ ଚାମର ଲାଗି ପରେ ଦେବବିଗ୍ରହମାନେ ଜଗତି ଉପରକୁ ବିଜେ ହୋଇ ଚନ୍ଦନ କୁଣ୍ଡରେ ବୁଡ଼ନ୍ତି । ଶ୍ରୀମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଜଗତିର ମଧ୍ୟ ଭାଗରେ, ରାମ ଓ କୃଷ୍ଣ ପୂର୍ବ ଭାଗରେ ଓ ପଞ୍ଚ ମହାଦେବ ପଶ୍ଚିମ ପାର୍ଶ୍ୱରେ ଥିବା ଚନ୍ଦନ କୁଣ୍ଡମାନଙ୍କରେ ବିଜେ କରନ୍ତି । ନୀଳାଦ୍ରିମହୋଦୟରେ ଉଲ୍ଲେଖ ରହିଛି- 'ଲକ୍ଷ୍ମୀଂ ମଦନଗୋପାଳଂ ଧରାମେକତ୍ର ବାସୟେତ୍' । ପବିତ୍ର ଜଳ କୁଣ୍ଡରେ ବିଜେ ପ୍ରତିମାମାନଙ୍କର ଜଳଲାଗି ବଢ଼ିବା ପରେ ସେମାନଙ୍କୁ ଜଳରୁ ବାହାର କରି ପ୍ରୋଞ୍ଛନୀରେ ପୋଛାପୋଛି କରାଯାଇ ପୁଷ୍ପାଦିରେ ବେଶ କରାଯିବା ପରେ ଶୀତଳମଣୋହି ବଢ଼ିଥାଏ । ଏହାପରେ ବିଜେ ପ୍ରତିମାମାନଙ୍କୁ ଭିତରକୁ ନିଆଯାଇ ନରେନ୍ଦ୍ର ଚକଡ଼ା ରୋଷରେ ପ୍ରସ୍ତୁତ ମାଣ୍ଡୁଅ ଭୋଗ ଲାଗେ । ଏସବୁ ବିଧି ସରିବା ପରେ ଦେବ ବିଗ୍ରହମାନେ ରାତ୍ର ଚପକୁ ବିଜେ କରନ୍ତି । ରାତ୍ରଚପ ପୁଷ୍କରିଣୀ ମଧ୍ୟରେ ତିନିଘେରା ବୁଲି କୂଳରେ ଲାଗିଲେ ଶ୍ରୀମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ମଣିବିମାନରେ, ରାମ ଓ କୃଷ୍ଣ ହାନ୍ଦୋଳାରେ ଓ ପଞ୍ଚପାଣ୍ଡବ ସ୍ୱ ସ୍ୱ ଯାନରେ ପ୍ରତ୍ୟାବର୍ତ୍ତନ କରିଥାଆନ୍ତି । ବଟ ମୂଳରେ ମଣି ବିମାନ ଓ ପାଲିଙ୍କି ରହିଲେ ଠାକୁର ଠାକୁରାଣୀଙ୍କର ଜଳଲାଗି ବଢ଼ିବା ପରେ ସେମାନଙ୍କୁ ସ୍ୱ ସ୍ୱ ସ୍ଥାନକୁ ବିଜେ କରାଯାଏ । ଶ୍ରୀମନ୍ଦିରରେ ଚନ୍ଦନ ଯାତ୍ରା ଅକ୍ଷୟ ତୃତୀୟା ଠାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ନିୟମିତ ପାଳିତ ହୋଇଥାଏ । ନୀଳାଦ୍ରିମହୋଦୟରେ ଉଲ୍ଲେଖ ଅଛି-



ଏତଦୁତାୟାର୍ଦିନତେ । ଜ୍ୟେଷ୍ଠଶୁକ୍ଳଚତୁର୍ଦ୍ଦଶୀମ୍ ।
ବ୍ୟାପ୍ୟ ନୀତିରିୟଂ ରାଜନ୍ କର୍ତ୍ତବ୍ୟାନୁଦିନଂ ମହୈଃ ॥

(ନା.ମ. ୩୬।୮୬)

ସ୍କନ୍ଦ ପୁରାଣରେ ସ୍ୱୟଂ ମହାପ୍ରଭୁ କହିଅଛନ୍ତି-

ଯଥା ସନ୍ତାପହରଣଂ ଚନ୍ଦନେନାନୁଲେପନମ୍ ।
ତଥୋତ୍ସବୋଽୟଂ ମେ ଦକ୍ଷ ସନ୍ତାପତ୍ରୟନାଶନଃ ॥

(ସ୍କନ୍ଦ. ପୁରାଣ ୪୬।୩୭)

ଅର୍ଥାତ୍- ହେ ଦକ୍ଷ ! ଚନ୍ଦନ ବିଲେପନ ଯେପରି ସନ୍ତାପହାରକ, ସେହିପରି ମୋର ଏହି ଚନ୍ଦନ ଉତ୍ସବ ତ୍ରିତାପ ବିନାଶକ ଅଟେ ।

(କ୍ରମଶଃ...)

ଡକ୍ଟର ନରେଶ ଚନ୍ଦ୍ର ଦାଶ
● ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ

## ଜାଣିବା କଥା ... ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଭୋଗ ବ୍ୟବସ୍ଥାରେ 'ଅଟି ଭାତ'ର ଗୁରୁତ୍ୱ କ'ଣ ?

ଉ - ଶ୍ରୀମନ୍ଦିର ଠାକୁରଙ୍କର ଅନ୍ନଭୋଗ ବିଶେଷ । ସରା ମଧ୍ୟରେ ସମାନ ଅନ୍ନ ରଖାଯାଇଥିବା ଭୋଗ ।

୨. ପ୍ର - ଶ୍ରୀମନ୍ଦିରରେ 'ଚଙ୍ଗଡ଼ା ମେକାପ ସେବା' କ'ଣ ଗୁରୁତ୍ୱ ବହନ କରିଥାଏ ?

ଉ - ଶ୍ରୀମନ୍ଦିରରେ ସକାଳ ମଙ୍ଗଳ ଆରତି ଠାରୁ ବଡ଼ସିଂହାର ବେଶ ପର୍ଯ୍ୟନ୍ତ ଏହାଙ୍କର ସେବା ରହିଥାଏ । ପ୍ରତ୍ୟେକ ମଇଲମରେ ଚଙ୍ଗଡ଼ାଘରୁ ଲୁଗା ଆଣି ପଶୁପାଳକଙ୍କୁ ଦେବା ଓ ଉଲାଗି ଲୁଗା ଧୋଇବା ପାଇଁ ଦିଅନ୍ତି ଓ ପାଟପତନି ମହାସେଠିଙ୍କୁ ଦିଅନ୍ତି । ରାଜାଙ୍କୁ ଗଦି ପ୍ରସାଦ ତାଟ ଦିଅନ୍ତି । ପୂଜା ଅନୁଯାୟୀ ଶ୍ରୀବିଗ୍ରହଙ୍କ ପାଇଁ ଏହି ସେବକ ଚଙ୍ଗଡ଼ା ଘରୁ ସୂତା ଶାଢ଼ୀ ଓ ପାଟ ଶାଢ଼ୀ ଦେଇଥାଆନ୍ତି । ଚାମର ସେବା ମଧ୍ୟ କରନ୍ତି ଓ ହାତପୋଛା ପାଇଁ ଖଦୀ ଯୋଗାନ୍ତି । ସୁଆରବଡୁ ସେବାରେ ଚକା ଅପସର ସେବା କରନ୍ତି । ସ୍ନାନପୂର୍ଣ୍ଣିମା, ଗୁଣ୍ଡିଚା ଓ ବାହୁଡ଼ାରେ ଚକା ଅପସର ନେଇ ଠାକୁରଙ୍କ ବିଜେ ସ୍ଥାନରେ ରଖନ୍ତି ।

୩. ପ୍ର - ଶ୍ରୀମନ୍ଦିର ପରମ୍ପରାରେ 'ଚଣ୍ଡାଳ' କ'ଣ ଗୁରୁତ୍ୱ ବହନ କରିଥାଏ ?

ଉ - ଏହାର ଅର୍ଥ- ନିଷାଦ, ଚଣ୍ଡାଳ, ମହାଶ୍ମଶାନ ବା ସ୍ୱର୍ଗଦ୍ୱାରରେ ଶବ ସଂସ୍କାର କାର୍ଯ୍ୟ ତଦାରଖ ପାଇଁ ନିଯୁକ୍ତ ବ୍ୟକ୍ତି ଚଣ୍ଡାଳ ନାମରେ ପରିଚିତ । ଗଜପତି ମହାରାଜା ରଥଯାତ୍ରା ସମୟରେ ଠାକୁରଙ୍କର ରଥରେ ଛେରାପହଁରା କରନ୍ତି । ପହଁରା କରିବା ସାଧାରଣତଃ ଏକ ନୀଚ କାର୍ଯ୍ୟ । ଏଣୁ ଏ ଛେରାପହଁରା କାର୍ଯ୍ୟକୁ ଚଣ୍ଡାଳ କାର୍ଯ୍ୟ କୁହାଯାଏ ।

୪. ପ୍ର - ଶ୍ରୀକ୍ଷେତ୍ରରେ 'ଚତୁର୍ମାସ୍ୟା ବ୍ରତ' କ'ଣ ଗୁରୁତ୍ୱ ବହନ କରିଥାଏ ?

ଉ - ହରିଶୟନ କରିଥିବା ଚାରିମାସ ଆଷାଢ଼ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ କିମ୍ବା କର୍କଟ ସଂକ୍ରାନ୍ତି ଠାରୁ ବିଛା ସଂକ୍ରାନ୍ତି ପର୍ଯ୍ୟନ୍ତ ଏହି ବ୍ରତ ପାଳନ କରାଯାଏ । ଏହି ସମୟରେ ତ୍ରିସନ୍ଧ୍ୟାରେ କୃଷ୍ଣ, ହରି, ନୃସିଂହ, କେଶବଙ୍କ ନାମ ଜପ, ନିର୍ମାଲ୍ୟ ଭୋଜନ, ବ୍ରାହ୍ମଣଙ୍କୁ ଅନ୍ନଦାନ ଓ ଶ୍ରୀକ୍ଷେତ୍ରରେ ପଞ୍ଚତୀର୍ଥରେ ସ୍ନାନ ଦ୍ୱାରା ଭଗବାନ ଶ୍ରୀକୃଷ୍ଣ ପ୍ରୀତ ହୋଇଥାଆନ୍ତି ବୋଲି ସ୍କନ୍ଦ ପୁରାଣରେ ବର୍ଣ୍ଣିତ ।

● ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର

# ଗୀତଗୋବିନ୍ଦ ପାଟ ଖଣ୍ଡୁଆ ଲାଗି ନ ହେଲେ ନିଦ ଲାଗିବନି

ବଡ଼ ଦେଉଳର ରନ୍ ସିଂହାସନରେ ବିଜେ ହୋଇ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଭିନ୍ନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାଆନ୍ତି । ଅଧରାତିରେ ଖଟଶେଯ ଲାଗି ହୋଇ ବଡ଼ସିଂହାର ବେଶରେ ଉଭା ହୁଅନ୍ତି । ସେତେବେଳେ ତାଙ୍କୁ ଗୀତଗୋବିନ୍ଦ ପାଟ ଖଣ୍ଡୁଆ ପିନ୍ଧାଇ ଦିଆଯାଏ ।



ପାଟ ଖଣ୍ଡୁଆ ଦେହରେ ଗୀତଗୋବିନ୍ଦର ସୁମଧୁର ପଦାବଳି ଗୁଂଫିତ ହୋଇଥାଏ । ପୂର୍ବେ ଭକ୍ତକବି ଜୟଦେବଙ୍କ ରଚିତ ଗୀତଗୋବିନ୍ଦ ମହାପ୍ରଭୁଙ୍କ ବଡ଼ସିଂହାର ବେଶବେଳେ ଦେବଦାସୀମାନେ ଗାନ କରୁଥିଲେ । କର୍ଣ୍ଣରେ ସୁମଧୁର ଗୀତଗୋବିନ୍ଦର ସ୍ୱର ଏବଂ ଶ୍ରୀଅଙ୍ଗରେ ଗୀତଗୋବିନ୍ଦ ପାଟଖଣ୍ଡୁଆର ବେହରଣରେ ମହାପ୍ରଭୁ ଅତି ଉଲ୍ଲସିତ ହୋଇ ପହୁଡ଼ ହୁଅନ୍ତି । ଏ ସଂପର୍କରେ ଏକ ରୋଚକ କିମ୍ୱଦନ୍ତି ରହିଛି । ପୁରାଣ ବର୍ଣ୍ଣିତ ପ୍ରାଚୀ ନଦୀ କୂଳରେ କେନ୍ଦୁବିଲ୍ୱ ନାମରେ ଗୋଟିଏ ଗ୍ରାମ ରହିଛି । ସେହି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ଭକ୍ତକବି ଜୟଦେବ । ପିତା ଭୋଜଦେବ ଏବଂ ମାତା ରାଧାଦେବୀଙ୍କ ଦେହାନ୍ତ ପରେ ଜୟଦେବ ଶ୍ରୀକ୍ଷେତ୍ରକୁ ଚାଲି ଆସିଲେ । ଏହିଠାରେ ସେ ଗୀତଗୋବିନ୍ଦ ନାମକ କାଳଜୟୀ ଗ୍ରନ୍ଥ ରଚନା କରିଥିଲେ । ସେ ଶ୍ରୀମନ୍ଦିରରେ ଗୀତଗୋବିନ୍ଦ ସୁମଧୁର କଣ୍ଠରେ ଗାନ କରୁଥିଲେ ଏବଂ ତାଙ୍କ ପତ୍ନୀ ପଦ୍ମାବତୀ ସଙ୍ଗୀତର ତାଳେ ତାଳେ ନୃତ୍ୟ କରୁଥିଲେ । ଥରେ ଜୟଦେବ ଏବଂ ତାଙ୍କ ପତ୍ନୀ ଜନ୍ମସ୍ଥାନ କେନ୍ଦୁବିଲ୍ୱ ଗ୍ରାମକୁ ଯାଇଥାଆନ୍ତି । ସେଠାକାର ବୁଣାକାରମାନେ ଖଣ୍ଡୁଆପାଟ ବୁଣୁଥାଆନ୍ତି । ଜୟଦେବ ବିଚାରକଲେ ଏହି ଖଣ୍ଡୁଆ ପାଟରେ ଗୀତଗୋବିନ୍ଦର ପଦାବଳି ଲିପିବଦ୍ଧ ହୋଇଗଲେ ତାହା ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହୋଇପାରନ୍ତା । ଏକଥା ବୁଣାକାରମାନଙ୍କୁ କହିବାରୁ ସେମାନେ ରାଜି ହୋଇଗଲେ ଏବଂ କହିଲେ ଆପଣ ଗୀତଗୋବିନ୍ଦ ବୋଲିବେ, ଆମେ ତାହା ଶୁଣି ଶୁଣି ଖଣ୍ଡୁଆପାଟ ବୁଣିବୁ । ଜୟଦେବ ସେମାନଙ୍କ ସର୍ତ୍ତରେ ରାଜି ହେଲେ ।ସେ ଗୀତଗୋବିନ୍ଦ ବୋଲି ଚାଲିଲେ ଏବଂ ଖଣ୍ଡୁଆପାଟ ବୁଣି ଚାଲିଲେ ବୁଣାକାରମାନେ । ସର୍ଗ ପରେ ସର୍ଗ ଗୀତଗୋବିନ୍ଦ ଭାବବିହ୍ୱଳ ହୋଇ ବୋଲି ଚାଲୁଥାଆନ୍ତି ମହାପ୍ରଭୁଙ୍କ ଅନ୍ତରଙ୍ଗ ଭକ୍ତ ଜୟଦେବ । ସପ୍ତମ ସର୍ଗ ଶେଷବେଳକୁ ଭକ୍ତି ବିହ୍ୱଳ ହୋଇ ଭକ୍ତ ଜୟଦେବ ଭାବ ସମାଧିରେ ବୁଡ଼ିଗଲେ । ତାଙ୍କ କଣ୍ଠସ୍ୱର ଆଉ ଶୁଣାଗଲା ନାହିଁ । ବୁଣାକାରମାନେ ହଡ଼ବଡ଼େଇ ଗଲେ । ସମଗ୍ର ଗୀତଗୋବିନ୍ଦ ଦ୍ୱାଦଶ ସର୍ଗ ବିଶିଷ୍ଟ । ଆଉ ପାଞ୍ଚଟି ସର୍ଗ ବୋଲିବ କିଏ ? ଭାବଗ୍ରାହୀ ମହାପ୍ରଭୁ ଭକ୍ତର କାମ ଶେଷ କରିବା ପାଇଁ ଆଗେଇ ଆସିଲେ ଜଣେ ସାଧୁ ବେଶରେ । ହାତରେ ଧରିଛନ୍ତି କରତାଳ । କହିଲେ ଶୁଣ ବୁଣାକାର ଭାଇମାନେ, 'ଭକ୍ତକବି ଭାବବିହ୍ୱଳ ହୋଇ ଘୁମାଇ ପଡ଼ିଛନ୍ତି । ତାଙ୍କ ଅଧୁରା କାମକୁ ଆମେ ପୂରଣ କରିଦେବା । ମୁଁ ଅଷ୍ଟମ ସର୍ଗ ଠାରୁ ଦ୍ୱାଦଶ ସର୍ଗ ପର୍ଯ୍ୟନ୍ତ ବୋଲିଯାଉଛି । ତୁମ୍ଭେମାନେ ପାଟ ଖଣ୍ଡୁଆ ବୁଣିଚାଲ । ଗୀତଗୋବିନ୍ଦର ସୁମଧୁର ପଦ୍ୟାବଳି, ରସଘନ ଭାବଧାରା ହୃଦ ଉଲ୍ଲାସକ ଢ଼ଙ୍ଗରେ କରତାଳ ତାଳରେ ପରିବେଷଣ କଲେ ସାଧୁ ମହାତ୍ମା । ବୁଣାକାରମାନେ ଅପୂର୍ବ ଉଲ୍ଲାସ ଏବଂ ଦ୍ୱିଗୁଣ ଉତ୍ସାହ ସହକାରେ ପାଟ ଖଣ୍ଡୁଆ ବୁଣି ଚାଲିଲେ । ରସମୟ କାବ୍ୟର ଅନ୍ତିମ ସର୍ଗ ଶେଷ କରି ସାଧୁ କହିଲେ, ଏଥର ଆମର ଦାୟିତ୍ୱ ଶେଷହେଲା । ନିଦରୁ ଉଠିଲେ ଜୟଦେବଙ୍କୁ ଏହା ଜଣାଇଦେବ । ଆମେ ଚାଲିଲୁ ମଣୋହି ନିମନ୍ତେ । କିଛି ସମୟ ପରେ ଜୟଦେବଙ୍କ ସମ୍ବିତ୍ ଫେରି ଆସିଲା । ସେ ପଚାରିଲେ ପାଟଖଣ୍ଡୁଆ ବୁଣା କେତେଦୂର ଗଲା ? ମୁଁ ଘୁମାଇ ପଡ଼ିଥିଲି । ବୁଣାକାରମାନେ ସାଧୁଙ୍କ ସଂପର୍କରେ କହିଲେ ଏବଂ ପାଟ ଖଣ୍ଡୁଆ ବୁଣା ସରିଛି ବୋଲି ଜଣାଇଲେ । ଜୟଦେବ ପାଟ ଖଣ୍ଡୁଆ ଦେଖି ଜାଣିଗଲେ ଗୀତଗୋବିନ୍ଦ ରଚନା ବେଳେ ପଦ ପୂରଣ ପାଇଁ ଯେଉଁ ମହାପ୍ରଭୁ ହାଜର ହୋଇଯାଇଥିଲେ, ଏହା ତାଙ୍କରି କୃପାର ନିଦର୍ଶନ । କହିଲେ, ଭାଇମାନେ ତୁମ୍ଭେମାନେ ଭାଗ୍ୟବାନ । ମହାପ୍ରଭୁଙ୍କୁ ସାକ୍ଷାତ୍ ଦର୍ଶନ କଲ ଏବଂ ତାଙ୍କ ସୁମଧୁର କଣ୍ଠସ୍ୱର ଶୁଣି ପାରିଲ ! ମୁଁ ପାପୀ । ମହାପ୍ରଭୁଙ୍କୁ ଦର୍ଶନ କରିପାରିଲି ନାହିଁ । ତୁମ୍ଭମାନଙ୍କର ସାଧନାର ପଟାନ୍ତର ନାହିଁ । ମହାପ୍ରଭୁ ତୁମ୍ଭମାନଙ୍କର ପାଟ ଖଣ୍ଡୁଆକୁ ଆଦରରେ ଗ୍ରହଣ କରି ନେଇଅଛନ୍ତି । ଆପଣାର ଶ୍ରୀଅଙ୍ଗରେ ତୁମ୍ଭମାନଙ୍କର କୃତି ସଦାସର୍ବଦା ଶୋଭା ପାଇବ । ବୁଣାକାରମାନେ କରପତ୍ର ଯୋଡ଼ି ବିନୀତ ଭାବରେ କହିଲେ ଆପଣ କେବଳ କବି ନୁହନ୍ତି । ମହାପ୍ରଭୁଙ୍କର ଅନ୍ତରଙ୍ଗ ଭକ୍ତ ଶିରୋମଣୀ । ଆପଣଙ୍କ ଯୋଗୁଁ ଆମେ ମହାପ୍ରଭୁଙ୍କୁ ସାକ୍ଷାତ୍ ଦର୍ଶନ କରିବାର ସୁଯୋଗ ଲାଭକଲୁ । ଆମ ହାତବୁଣା ପାଟଖଣ୍ଡୁଆ ଲାଗି ନ ହେଲେ ମହାପ୍ରଭୁଙ୍କୁ ନିଦ ଲାଗିବନି । କାରଣ କେବଳ ପାଟ ଖଣ୍ଡୁଆ ତ ନୁହେଁ, ଏଥିରେ ଗୀତ ଗୋବିନ୍ଦର ସୁମଧୁର ପଦ୍ୟାବଳି ଯୋଡ଼ି ହୋଇ ରହିଛି ।

*ଶଂକର୍ଷଣ ମଂଗରାଜ, (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ)*

*ମଂଗଳାଘାଟ ରୋଡ଼, ପୁରୀ-୧*

## ଫେବୃୟାରୀ ମାସର ବିଶିଷ୍ଟ ଦିବସ

| | |
|---|---|
| ତା ୧.୨.୨୩ ରିଖ ବୁଧବାର | ଶ୍ରୀମନ୍ଦିରରେ ଭୈମୀ ଏକାଦଶୀ |
| ତା ୫.୨.୨୩ ରିଖ ରବିବାର | ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଗଜ ଉଦ୍ଧାରଣ ବେଶ |
| ତା ୧୩.୨.୨୩ ରିଖ ସୋମବାର | ଶ୍ରୀମନ୍ଦିରରେ କୁମ୍ଭ ସଂକ୍ରାନ୍ତି |
| ତା ୧୬.୨.୨୩ ରିଖ ଗୁରୁବାର | ପଙ୍କୋଦ୍ଧାର ଏକାଦଶୀ |
| ତା ୧୮.୨.୨୩ ରିଖ ଶନିବାର | ମହାଶିବ ରାତ୍ରି |

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**

E-mail : jagannath.or@nic.in * Web Site : www.shreejagannatha.in Printed at : Rama Press, Near Amala Club, Puri

@Shree Jagannatha Temple, Puri @jagannathadhaam @JagannathaDhaam @SJTA_Puri ମୂଲ୍ୟ : ଦୁଇଟଙ୍କା ମାତ୍ର